# ODIA

*Maximum Marks: 80*

*Time Allowed: Three Hours*

*(Candidates are allowed **additional 15 minutes** for **only reading** the paper.*

*They must **NOT** start writing during this time.)*

*Answer **Questions 1, 2 and 3 in Section A** and **four** questions from **Section B** on **any three** out of the four prescribed textbooks.*

*The intended marks for questions or parts of questions are given in brackets [ ].*

## SECTION A
## LANGUAGE - 40 MARKS

**Question 1** **[15]**

**Write a composition in approximately 400 words in Odia on any *one* of the topics given below.**

ନିମ୍ନଲିଖିତ ବିଷୟ ମଧ୍ୟରୁ ଯେ କୌଣସି ଗୋଟିଏ ବିଷୟରେ ଏକ ରଚନା ଓଡ଼ିଆ ଭାଷାରେ ପ୍ରାୟ ୪୦୦ ଶବ୍ଦରେ ଲେଖ :-

(i) ଶାରୀରିକ ଶିକ୍ଷାର ଆବଶ୍ୟକତା ରହିଛି ଆଲୋଚନା କର ।

(ii) ସମ୍ପ୍ରତିକ ଯୁଗରେ ବୈଷୟିକ ଶିକ୍ଷାର ଉପାଦେୟତା ବର୍ଣ୍ଣନା କର ।

(iii) ଚନ୍ଦ୍ରଯାନ ମିଶନ 3 - ଏହା ବିଜ୍ଞାନର ଆମ ପ୍ରତି ଆଶୀର୍ବାଦ ଅଟେ - ବର୍ଣ୍ଣନା କର ।

(iv) ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ସବୁଜ ବିପ୍ଳବର ଭୂମିକା ବର୍ଣ୍ଣନା କର ।

(v) ଗ୍ରାମାଞ୍ଚଳ ବିକାଶରେ ଜାତୀୟକରଣ ବ୍ୟାଙ୍କଗୁଡ଼ିକର ଭୂମିକା

(vi) କୌଣସି ଗୋଟିଏ ବିଷୟରେ ଏକ ମୌଳିକ କ୍ଷୁଦ୍ର ଗଳ୍ପ ତୁମ ନିଜ ଭାଷାରେ ଲେଖ ।

(a) ଯାହାକୁ ରଖିବେ ଅନନ୍ତ

(b) ବିଦ୍ୟା ଅଟଇ ମହାଧନ

**This Paper consists of 9 printed pages and one blank page.**



*© Copyright reserved.*

## Question 2

**Read the passage given below carefully and answer the questions that follow, using your own words in Odia.**

**ନିମ୍ନୋକ୍ତ ଗଦ୍ୟାଂଶ ଟି ପଢ଼ ଓ ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଓଡ଼ିଆ ଭାଷାରେ ଲେଖ ।**

ନିମ୍ନୋକ୍ତ ଗଦ୍ୟାଂଶ ଟି ପଢ ଓ ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଓଡ଼ିଆ ଭାଷାରେ ଲେଖ ।

ମନ, ବଚନ ଓ କର୍ମ ଯାହାର ଏକ ସେ ହେଉଛନ୍ତି ମହାତ୍ମା । ମହାତ୍ମା ଯାହା ଭାବିବେ, ତାହା କହିବେ ଓ କରିବେ । ମନର ଭାବନା,ତୁଣ୍ଡର କଥା ଓ କରିବାର କର୍ମ ଭିନ୍ନ ହେଲେ ମଣିଷ ଦୁରାତ୍ମା ହୁଏ । ଏହି ଦୃଷ୍ଟିରୁ ଦେଖିଲେ ସନ୍ଥ ବିନୋବା ଥିଲେ ଜଣେ ପ୍ରକୃତ ମହାତ୍ମା । କଲେଜ ପଢା ଶେଷ ହେଲା; କିନ୍ତୁ ଜୀବନ ଓ ସମାଜ ପ୍ରତି ହଠାତ୍ ବୀତସ୍ପୃହ ହୋଇ ପଡ଼ିଲେ । ଦିନେ ସେ ନିଜର ସମସ୍ତ ସାର୍ଟିଫିକେଟ୍ କୁ ଚୁଲିରେ ପୁରାଇ ପୋଡି ଦେଲେ । ଏହା ଦେଖି ବିନୋବାଙ୍କ ମା' ବ୍ୟସ୍ତହୋଇ ପଡ଼ିଲେ; କିନ୍ତୁ ବିନୋବା ମା'ଙ୍କୁ ବୁଝାଇ ଦେଲେ - ସେ ଆଉ ଏଇ ଅଯଥା ପ୍ରମାଣପତ୍ର ବା ପ୍ରଶଂସାପତ୍ର ଦ୍ୱାରା ନିଜକୁ ଚିହ୍ନାଇବାକୁ ଚାହୁଁ ନାହାନ୍ତି । ଯାହାର ପ୍ରକୃତ ଜ୍ଞାନ ଅଛି, ତା'ର ପ୍ରମାଣ ପତ୍ର ଦରକାର ନାହିଁ । ମଣିଷ ଯେଉଁଠାକୁ ଯିବ ତା' ଅନ୍ତର୍ନିହିତ ଜ୍ଞାନ ହିଁ ତାକୁ ସାହାର୍ଯ୍ୟ କରିବ ।

ସବୁ ସାର୍ଟିଫିକେଟ୍ ମଣିଷର ଅଯଥା ଅହଙ୍କାରର ବସ୍ତୁ ଅଟେ । ଜୀବନର ଅସଲ ତତ୍ତ୍ୱକୁ ତ ସେ ବହୁକାଳରୁ ଅବଗତ ହେଇ ସାରିଥିଲେ । ଦେଶ, ଜାତି ଓ ମାନବିକତା ପାଇଁ ଏଥର ସେ ନିଜକୁ ଉତ୍ସର୍ଗ କରିଦେଲେ । ଗାନ୍ଧି ମହାତ୍ମାଙ୍କୁ ଆପଣାର ଗୁରୁ ଭାବରେ ଗ୍ରହଣ କରି ତାଙ୍କ ନିର୍ଦ୍ଦେଶିତ ଅହିଂସା ମାର୍ଗରେ ପରିଚାଳିତ ହେବାକୁ ଲାଗିଲେ । ଭୂ- ଦାନ ଯଜ୍ଞ ବିନୋବାଙ୍କ ଅନ୍ୟତମ ଉଦ୍ଭାବନ । ସାରାଦେଶରେ ସେ ଭୂ - ଦାନ ଆନ୍ଦୋଳନର ପ୍ରଚାର କରିଥିଲେ । ଭୂମିପତି ସାମନ୍ତ ମାନଙ୍କ ଠାରୁ ଭୂମି ଦାନ ଗ୍ରହଣ କରି ଭୂମିହୀନ ମାନଙ୍କୁ ଦାନ କରୁଥିଲେ । ଭୂମି ମାଲିକ ମାନଙ୍କୁ ବୁଝାଇ ଶୁଝାଇ ତାଙ୍କର ବଳକା ଜମିକୁ ସେ ଦାନ ରୂପେ ଗ୍ରହଣ କରୁଥିଲେ; ମାତ୍ର ଭୂଦାନ ସଂକ୍ରାନ୍ତରେ ବିନୋବାଜୀଙ୍କର ମନ୍ତ୍ରଥିଲା - 'ସବ୍ ଜମିନ୍ ରାମ୍ କି'। କେହି ସମ୍ପତ୍ତି ନେଇ ଜନ୍ମ ହୋଇନାହିଁ, କିମ୍ବା କେହି ସମ୍ପତ୍ତି ସହ ମୃତ୍ୟୁବରଣ କରିବ ନାହିଁ। ବିନୋବା ଙ୍କର ଦୃଢ ଆମାୟିକ ବ୍ୟକ୍ତିତ୍ୱ ଭୂମି ମାଲିକ ମାନଙ୍କ ଉପରେ ବିଶେଷ ପ୍ରଭାବ ପକାଇଥିଲା ।ସେମାନେ ଅକୁଣ୍ଠିତ ଚିତ୍ତରେ ଭୂ-ଦାନ ଯଜ୍ଞକୁ ଭୂମି ଦାନ କରିଥିଲେ । ଓଡ଼ିଶାରେ ଏହି ଭୂ-ଦାନ ଯଜ୍ଞ ସବୁଠାରୁ ଅଧିକ ସାର୍ଥକ ହୋଇଥିଲା।

ବିନୋବା ଥିଲେ ପ୍ରକୃତ ସନ୍ଥ । ଜୀବନର ଶେଷ ମୁହୂର୍ତ୍ତରେ ତାଙ୍କର ଅଭିଯୋଗ ଥିଲା ତାଙ୍କ ଦେହ ସହିତ ଆତ୍ମା ଯୋଗସୂତ୍ର ରକ୍ଷା କରିପାରୁ ନାହିଁ । ତେଣୁ ସେ ଚାହାନ୍ତି ଏଇ ପାର୍ଥିବ ଜୀବନର ଅବ୍ୟାହତି ତାଙ୍କର ଆତ୍ମା ମୁକ୍ତି ଚାହେଁ ।ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଓ ବହୁ ମାନ୍ୟଗଣ୍ୟ ନେତୃ ସ୍ଥାନୀୟ ବ୍ୟକ୍ତି ତାଙ୍କୁ ପ୍ରାୟୋପବେଶନ ତ୍ୟାଗ କରିବାକୁ ଅନୁରୋଧ କଲେ; କିନ୍ତୁ ବିନୋବାଜୀ ଅଟଳ। ସନ୍ଥ ପୁରୁଷ ଯାହା ସିଦ୍ଧାନ୍ତ କରନ୍ତି,ଭଲ କରି ବିଚାର କରିଥାନ୍ତି। ସିଦ୍ଧାନ୍ତ ବିଷୟ ଘୋଷଣା କଲା ପରେ ସେ ସେଥିରୁ ଟଳି ପଡ଼ନ୍ତି ନାହିଁ । ତାହା ହିଁ ହେଲା। ୧୯୮୨ ମସିହାରେ ଦୀର୍ଘଦିନର ପ୍ରାୟୋପବେଶନ ପରେ ସେ ଇଚ୍ଛାମୃତ୍ୟୁ ବରଣ କଲେ।ସତ୍ୟ, ନିଷ୍ଠା, ଦୃଢତା ଓ ଆତ୍ମୋପଲବ୍ଧି ଉପରେ ପର୍ଯ୍ୟବସିତ ଗାନ୍ଧି ଯୁଗର ଅବସାନ ଘଟିଲା ।

(i) ବିନୋବା ଭାବେଙ୍କ ଅନୁଶାରେ ଦୁରାତ୍ମା କାହାକୁ କୁହାଯାଏ ? [3]

(ii) ସନ୍ଥ ବିନୋବା ତାଙ୍କ ସାର୍ଟିଫିକେଟ୍ ଗୁଡ଼ିକ ପୋଡ଼ିଦେଲେ କାହିଁକି? [3]

(iii) ଭୂ-ଦାନ ଯଜ୍ଞ କହିଲେ ତମେ କ'ଣ ବୁଝୁଛ? [3]

(iv) (ଉପଯୁକ୍ତ ଉତ୍ତର ଚୟନ କର )

(a) ସନ୍ଥ ବିନୋବା କାହାକୁ ନିଜର ଗୁରୁ ଭାବରେ ଗ୍ରହଣ କରିଥିଲେ? [1]

(1) ଗାନ୍ଧିଜୀ

(2) ନେତାଜୀ

(3) ଗୋପବନ୍ଧୁ

(4) ବିପିନ ଚନ୍ଦ୍ର ପାଲ

(b) ସନ୍ଥ ବିନୋବାଙ୍କ ସଂସ୍କାର ଆନ୍ଦୋଳନର ମୁଖ୍ୟ ଉଦ୍ଭାବନ କଣ ଥିଲା? [1]

(1) ଆତ୍ମନିର୍ଭରଶୀଳତା

(2) ଭୂ-ଦାନ ଯଜ୍ଞ

(3) ମହାତ୍ମା

(4) ମାନବିକତା

(c) ଭୂ-ଦାନ ଯଜ୍ଞ ସବୁଠାରୁ ଅଧିକ ସଫଳ ହୋଇଥିଲା କେଉଁଠି? [1]

(1) ବିହାର

(2) ମଧ୍ୟ ପ୍ରଦେଶ

(3) କର୍ଣ୍ଣାଟକ

(4) ଓଡ଼ିଶା

(v) (ଉପଯୁକ୍ତ ଉତ୍ତର ଚୟନ କର)

(a) ସନ୍ଥ ବିନୋବାଙ୍କ ମୃତ୍ୟୁ ସମୟରେ କିଏ ଭାରତର ପ୍ରଧାନ ମନ୍ତ୍ରୀ ଥିଲେ? [1]

(1) ଜବାହାରଲାଲ ନେହେରୁ

(2) ରାଜେନ୍ଦ୍ର ପ୍ରସାଦ

(3) ଲାଲ ବାହାଦୁର ଶାସ୍ତ୍ରୀ

(4) ଇନ୍ଦିରା ଗାନ୍ଧି

(b) କାହାର ମୃତ୍ୟୁପରେ ଗାନ୍ଧି ଯୁଗର ଅବସାନ ଘଟିଥିଲା? [1]

(1) ଇନ୍ଦିରା ଗାନ୍ଧି

(2) ବିନୋବା ଭାବେ

(3) ଗୋପବନ୍ଧୁ

(4) ମହାତ୍ମା ଗାନ୍ଧି

(c) ମନ, ବଚନ ଓ କର୍ମ ଯାହାର ଏକ, ତାକୁ କ'ଣ କୁହାଯିବ? [1]

(1) ମହାତ୍ମା

(2) ଦୁରାତ୍ମା

(3) ପାପାତ୍ମା

(4) ପୁଣ୍ୟାତ୍ମା

**Question 3**

**(A) Correct the following sentences and re-write as per the instruction given.**

ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ ।

(i) ନିମ୍ନଲିଖିତ ବାକ୍ୟକୁ ଶୁଦ୍ଧ ରୂପରେ ଲେଖ । [1]

ଆଦେଶ ପାଳନ ନ କରିବାରୁ ଶିକ୍ଷକ ସବୁ ଛାତ୍ରମାନଙ୍କ ଉପରେ ବିରକ୍ତ ହେଲେ ।

(ii) ଶୂନ୍ୟ ସ୍ଥାନରେ ଉପଯୁକ୍ତ ଶବ୍ଦ ଲେଖି ବାକ୍ୟଟିକୁ ପୂର୍ଣ୍ଣ କର । [1]

ବର୍ତ୍ତମାନ ଲୋକମାନଙ୍କର ___________ ପୁଣ୍ୟକୁ ଡର ନାହିଁ ।

(iii) ନିମ୍ନଲିଖିତ ବାକ୍ୟ ମଧ୍ୟରୁ ଶୁଦ୍ଧ ବାକ୍ୟଟିକୁ ଚୟନ କର । [1]

(a) ସଂଧ୍ୟା ହୁଅନ୍ତେ ସବୁ ପକ୍ଷୀମାନେ ବସାକୁ ଫେରିଲେ ।

(b) ଆଜିକାଲି ପ୍ରତି ଘର ଗୁଡ଼ିକରେ ମୋଟର କାର ଅଛି ।

(c) ସଂଧ୍ୟା ହୁଅନ୍ତେ ପକ୍ଷୀମାନେ ବସାକୁ ଫେରିଲେ ।

(d) ଆଜିକାଲି ପ୍ରତି ଘରେ ଘରେ ଟିଭି ଅଛି ।

(iv) ଅବ୍ୟବସ୍ଥା ବାକ୍ୟଟିକୁ ସଜ୍ଜିତ ରୂପ ପ୍ରଦାନ କର । [1]

କୁଳଶୀଳ ଅଜ୍ଞାତ ବ୍ୟକ୍ତିକୁ ଦିଆନାହିଁ ଆଶ୍ରୟ ।

(v) ବାକ୍ୟଟିର ଅର୍ଥ ନ ବଦଳାଇ ରେଖାଙ୍କିତ ଶବ୍ଦ ପାଇଁ ଅନ୍ୟ ଏକ ଶବ୍ଦ ଚୟନ କର । [1]

ନଚିକେତା <u>ଶମନ</u> ପୁରକୁ ଯାତ୍ରା କରିଥିଲେ ।

(a) ଇନ୍ଦ୍ର

(b) ଯମ

(c) ବରୁଣ

(d) କୁବେର

**(B) Use the Idioms in the sentences as per the instructions given.**

ନିର୍ଦ୍ଦେଶ ଅନୁସାରେ ରଢ଼ି ଶବ୍ଦର ବ୍ୟବହାର କର ।

(i) ନିମ୍ନଲିଖିତ ରଢ଼ି ଶବ୍ଦକୁ ବାକ୍ୟରେ ବ୍ୟବହାର କର । [1]

ଘଣ୍ଟ ଘୋଡାଇବା ।

(ii) ଉପଯୁକ୍ତ ରଢ଼ି ଶବ୍ଦ ଚୟନ କରି ଶୂନ୍ୟସ୍ଥାନ ପୂରଣ କରି [1]

ପିଲାଟି ପାଠ ନ ପଢ଼ି ଅଫିସର ହେବାକୁ ଚାହୁଁଛି । ଏଇତ __________ ପରି ।

(a) ଆକାଶ କୁସୁମ

(b) ଆକାଶ କଇଁଆ ଚିଲିକା ମାଛ

(c) ଆପଣା ହସ୍ତେ ଜିହ୍ୱା ଛେଦି

(d) ଆଖି ଥାଉଁ ଥାଉଁ ଅନ୍ଧ

(iii) ନିମ୍ନଲିଖିତ ବାକ୍ୟ ପାଇଁ ଉପଯୁକ୍ତ ରଢ଼ି ଶବ୍ଦ ଚୟନ କର । [1]

ତୁମର ଛଳନା ମୋ ଉପରେ କୌଣସି ପ୍ରଭାବ ପକାଇବ ନାହିଁ।

(a) ଆଖି ପାଣି ଆଖିରେ ମାରିବା

(b) ଆଖି ଖୋସି ହୋଇଯିବା

(c) କୁମ୍ଭୀର କାନ୍ଦଣା

(d) ଗାଲୁଆଙ୍କ ବାରବାଟି ଚାଷ

(iv) ନିମ୍ନଲିଖିତ ରଢ଼ି ଅର୍ଥ ପାଇ ଉପଯୁକ୍ତ ରଢି ଶବ୍ଦ ଚୟନ କର । [1]

ସବୁ ଶେଷ କରିଦେବା ।

(a) ଚକ୍ଷୁ କୁଟିବା

(b) ଚାରି ଦଉଡ଼ି କଟା

(c) ଚାଟ ଘର ପୁଅ ଚାଟ

(d) ଚଳୁ କରିଦେବା

(v) ରଢି ଶବ୍ଦଟିକୁ ଶୁଦ୍ଧ କରି ଲେଖ । [1]

ବାର ଶୁଖୁଆ ବରଷର ତପ ଯିବ ପୋଡ଼ାରେ ।

## SECTION B
## LITERATURE - 40 MARKS

*Answer **four** questions from this section on **any three** out of the four prescribed textbooks.*

ଚାରୋଟି ନିର୍ଦ୍ଦିଷ୍ଟ ପାଠ୍ୟ ପୁସ୍ତକରୁ ଯେ କୌଣସି ତିନୋଟି ପୁସ୍ତକ ମଧ୍ୟରୁ ଚାରୋଟି ପ୍ରଶ୍ନର ଉତ୍ତର ଦିଅ

### ପଲ୍ଲିଶ୍ରୀ (PALLISHREE)

**Question 4**

"ଗ୍ରାମ ଶେଷେ ଶମଶାନ    କୁଢ଼ କୁଢ଼ ହାଡ଼ମାନ
ବାଉଁଶ, ମାଠିଆ ପୁଣି ଅଙ୍ଗାରମାଳ,
ପାଉଁଶ ବିଭୂତି ବୋଲି    ଯୋଗୀ ସମ ଅଛି ପଡ଼ି
ହାତେ ଧରିଛି ସେ ତ ଖପୁରି ଥାଳ ।"

(i) ଗ୍ରାମ ଶ୍ମଶାନର ଅବସ୍ଥିତି କେଉଁଠାରେ ଥାଏ? [1]

(ii) ଗ୍ରାମଶ୍ମଶାନ ରେ କ'ଣ କ'ଣ ଦେଖିବାକୁ ମିଳେ? [2]

(iii) ଚିରୁଗୁଣୀ କେଉଁଠାରେ ଓ କିପରି ଭାବରେ ନିଜ ଛୁଆର ଏନ୍ତୁଡି ଜାଳେ? [2]

(iv) ଡାହାଣୀ ଆଲୁଅକୁ ଭୟ କରି ଜଗୁଆଳ କ'ଣ ସଜାଡ଼ି ରଖେ? [5]

**Question 5** **[10]**

'ଗ୍ରାମସଭା' କବିତାର ସାରମର୍ମ କଣ ତାହା ଉଲ୍ଲେଖ କର ।

**Question 6** **[10]**

ପଲ୍ଲୀ ଗ୍ରାମର ସରଳ ଜନସାଧାରଣ ପ୍ରତାପଶାଳୀ ବ୍ୟକ୍ତିଙ୍କ ଦ୍ୱାରା ଅତ୍ୟାଚାରିତ ହୁଅନ୍ତି - ଛୋଟ ମୋର ଗାଁଟି କବିତାକୁ ଭିତ୍ତିକରି ଆଲୋଚନା କର ।

## ଗଳ୍ପ ବାରିଧି (GALPA BARIDHI)

**Question 7**

"ରେବତୀ ଶୁଣିଲା, ବୁଢ଼ୀ ଶୁଣିଲା । ବୁଢ଼ୀ କାନ୍ଦି କାନ୍ଦି ତାର କଣ୍ଠ ରୁଦ୍ଧ ହୋଇଗଲା, ଆଉ କାନ୍ଦି ପାରିଲାନାହିଁ । ଶେଷରେ ଉଠି କହିଲା" ଆହା ବାପ,ବିଦେଶକୁ ଆସି ଆପଣା ବୁଦ୍ଧିରେ ପ୍ରାଣ ହରାଇଲୁରେ।"

(i) ଶ୍ୟାମବନ୍ଧୁ କାହିଁକି ରେବତୀକୁ ପାଠ ପଢ଼ାଇବାକୁ ଇଚ୍ଛା କଲେ? **[1]**

(ii) କେବେ ଓ କିଏ ରେବତୀର ପାଠ ପଢ଼ା ଆରମ୍ଭ କରିଥିଲେ ? **[2]**

(iii) ବିଦେଶକୁ ଆସି ଆପଣା ବୁଦ୍ଧିରେ ପ୍ରାଣ ହରାଇଲୁ - କହିବାର ଅର୍ଥ କ'ଣ? **[2]**

(iv) ରେବତୀ ଗଳ୍ପକୁ ଭିତ୍ତିକରି ଶ୍ୟାମବନ୍ଧୁଙ୍କର ପରିଚୟ ଦିଅ । **[5]**

**Question 8** **[10]**

ଯନ୍ତ୍ର ସଭ୍ୟତାର ପ୍ରତିବାଦୀ 'ମାଗୁଣୀର ଶଗଡ଼' ଦୁର୍ବାର ଗତିରେ ଏ ସମସ୍ତଙ୍କ ଆଗକୁ ଆସି ନିଜର ନ୍ୟାର୍ଯ୍ୟ ଆସନ ଦାବିକରି ବସେ -ଆଲୋଚନା କର ।

**Question 9** **[10]**

ଘାସ ଗଳ୍ପରେ ଗାଳ୍ପିକ ରାଜକିଶୋର ପଟ୍ଟନାୟକଙ୍କ ଆଭିମୁଖ୍ୟ ଆଲୋଚନା କର ।

## ଦିଗ ଦର୍ଶକ (DIG DARSAK)

**Question 10**

"ୱାଲେସଙ୍କ ସନ୍ଦର୍ଭଟିର ବିଷୟବସ୍ତୁ ଥିଲା "ମୂଳ ଆକୃତିରୁ ନିରବଛିନ୍ନ ଭାବେ ଦୂରେଇ ଯାଉଥିବା ପ୍ରକାର ମାନଙ୍କର ଉପସର୍ଗ" ଏବଂ ତାହା ହିଁ ଥିଲା ଡାରଉଇନ୍‌ଙ୍କ ମତବାଦର ମୂଳତଥ୍ୟ।"

(i) ୱାଲେସଙ୍କ ପ୍ରେରିତ ନିବନ୍ଧଟି ପଢ଼ି ଡାରଉଇନ୍ ଦୁଃଖ ପ୍ରକାଶ କଲେ କାହିଁକି? [1]

(ii) ବନ୍ଧୁ ମାନଙ୍କର କେଉଁ କଥା ପ୍ରତି ଡାରଉଇନ୍ ଯତ୍ନଶୀଳ ହୋଇ ନ ଥିଲେ? [2]

(iii) ୱାଲେସ ବିଜ୍ଞାନ ଇତିହାସରେ କେଉଁ ଉଜ୍ଜ୍ୱଳ ପରମ୍ପରା ପ୍ରତିଷ୍ଠା କରିଥିଲେ? [2]

(iv) ବିବର୍ତ୍ତନବାଦ ପ୍ରତି ଡାରଉଇନ୍ ଶୈଶବ କାଳରୁ କିପରି ଆଗ୍ରହୀ ଥିଲେ । [5]

**Question 11** [10]

ମାଇକେଲ ଏଞ୍ଜେଲୋଙ୍କ ବାଲ୍ୟ ଜୀବନ କିପରି ଅତିବାହିତ ହୋଇଥିଲା ବର୍ଣ୍ଣନା କର।

**Question 12** [10]

ସଦାନନ୍ଦଙ୍କ ନାମ ପରିବର୍ତ୍ତନ ହୋଇ " ପଦ୍ମପାଦ" ହେବାର ଗୁଢ଼ ରହସ୍ୟ କ'ଣ ଥିଲା?

## ଛ' ମାଣ ଆଠ ଗୁଣ୍ଠ (CHHA MANA ATHAGUNTHA)

**Question 13**

"ତମେ ମଙ୍ଗଳାଙ୍କ ଆଜ୍ଞା ମାନ, ଯେପରି ହେଉ ମନ୍ଦିରଟା ବନାଇ ଦିଅ । ଟଙ୍କା ସକାଶେ ଭାବନା କ'ଣ ଅଛି? ମଙ୍ଗଳାଙ୍କ ନା ଶୁଣିଲେ ଟଙ୍କା କିଏ ନ ଦେବ?

(i) ଉକ୍ତିଟି କିଏ କାହାକୁ କହିଛି? [1]

(ii) ବିକୃତା କାରିଣୀ କିପରି ଓ କାହିଁକି ଟଙ୍କା ଯୋଗାଡ଼ କରିଦେବାର ପ୍ରତିଶ୍ରୁତି ଦେଇଥିଲା? [2]

(iii) ଦେଢ଼ଶ ଟଙ୍କାର ଅର୍ଥ ବୁଝିବା ସାରିଆ ପକ୍ଷେ କାହିଁକି ସହଜ ନଥିଲା ? [2]

(iv) ଧୂର୍ତ୍ତା ଚମ୍ପା ସାରିଆ ର ମନ ପରିବର୍ତ୍ତନ ପାଇଁ କି ପ୍ରକାର କୌଶଳ ପ୍ରୟୋଗ କରିଥିଲା? [5]

**Question 14** **[10]**

ବାଘସିଂହ ବଂଶର ଅଧପତନର କାରଣ ବର୍ଣ୍ଣନା କର ।

**Question 15** **[10]**

ଭଗିଆ ଚନ୍ଦ୍ରର ଶେଷ ପରିଣତି କିପରି ଥିଲା ଉଲ୍ଲେଖ କର ।